


# ଫ୍ୟାନ୍ସି ଆଗରେ ଫିକା ମାଟିଦୀପ

- ଦୀପାବଳିକୁ ଚାହିଁ ବସିଥିବା ଗ୍ରାମୀଣ କୁମ୍ଭକାରଙ୍କ ଜୀବିକା ସଙ୍କଟରେ
- ତଥାପି କୁମ୍ଭକାରଙ୍କ ଗାଁ ଓଗାଳପୁର ଚଳଚଞ୍ଚଳ

ଭଦ୍ରକ ଅଫିସ, ୪।୧୧

ଦୀପାବଳିରେ ମାଟିଦୀପର ଚାହିଦା ନିଆରା। ଲୋକେ ବିଭିନ୍ନ ରଙ୍ଗବେରଙ୍ଗ ଦୀପ କିଣି ଘର ଆଗରେ ଏହାକୁ ଜଳାଇ ଉତ୍ସବ ମନାଇଥାନ୍ତି। ବର୍ତ୍ତମାନ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ହାଟବଜାରରେ ବିଭିନ୍ନ ଡିଜାଇନ ଓ ରଙ୍ଗର ଫ୍ୟାନ୍ସି ଦୀପ ବିକ୍ରି ହେଉଛି। କୋଲକାତା ଭଳି ବିଭିନ୍ନ ସ୍ଥାନରୁ ଏସବୁ ଦୀପ ଆଣି ବିକ୍ରି କରାଯାଉଛି। ବ୍ୟବସାୟିକ ପ୍ରତିଯୋଗିତାକୁ ସାମ୍ନା କରିବାକୁ ସ୍ଥାନୀୟ ଅଞ୍ଚଳର କୁମ୍ଭକାରଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି। ମାଟିପାତ୍ରର ଆଦର କମିବା ପରେ ବିଭିନ୍ନ ଗାଁଗଣ୍ଡାରେ ଥିବା କୁମ୍ଭାରଶାଳ ନୀରବି ଗଲାଣି। କେତେକ ପରିବାର ପାରମ୍ପରିକ ବୃତ୍ତିକୁ ବଞ୍ଚାଇ ରଖି ଦୀପାବଳି ପର୍ବକୁ ଚାହିଁ ବସିଥାନ୍ତି। ପ୍ରାୟ ଦୁଇମାସ ଆଗରୁ ସେମାନଙ୍କ ଘରେ କୁମ୍ଭାର ଚକ ଘୂରିବା ଆରମ୍ଭ କରିଥାଏ। ସେମାନେ ବିଭିନ୍ନ କିସମର ମାଟିଦୀପ ଓ ପାତ୍ର ତିଆରି କରି ଏହାକୁ ଭାଟିରେ ପୋଡ଼ି ବିକ୍ରି କରିଥାନ୍ତି। ଏହି ବେପାର ମଧ୍ୟ ଧୀରେ ଧୀରେ ଫିକା ପଡ଼ିବା ଆରମ୍ଭ କରିଛି।

ଭଦ୍ରକ ଜିଲାର କୁମ୍ଭକାରଙ୍କ ଗାଁ ଭାବେ ପରିଚିତ ଓଗାଳପୁର ଏଥର ଦୀପାବଳି ଲାଗି ବେଶ୍ ଚଳଚଞ୍ଚଳ ରହିଛି। ଗାଁର ସମସ୍ତ ପରିବାରର ମହିଳା ଓ ପୁରୁଷ ଦିନରାତିକୁ ଏକାକାର କରି ମାଟିରେ ବିଭିନ୍ନ ହାଣ୍ଡି, କଳସୀ ଓ



ଦୀପ ତିଆରି କରିବାରେ ଲାଗିପଡ଼ିଛନ୍ତି। ପରିବାରର ଛୋଟ ପିଲାମାନେ ମଧ୍ୟ ମାଟି ନିର୍ମିତ ସାମଗ୍ରୀକୁ ଖରାରେ ଶୁଖାଇବା ଭଳି କାମ କରୁଛନ୍ତି। ମହିଳାମାନେ ଛାଞ୍ଚ ସାହାଯ୍ୟରେ ଛୋଟବଡ ଦୀପ ତିଆରି କରିବାରେ ସହାୟତା କରୁଛନ୍ତି। ହେଲେ ହାଟବଜାରକୁ ବାହାର ଅଞ୍ଚଳରୁ ଆସୁଥିବା ମାଟି ଓ ଅନ୍ୟ ଦୀପର ବ୍ୟବସାୟକୁ ସାମ୍ନା କରି ନ ପାରି ସେମାନେ କ୍ଷତିଗ୍ରସ୍ତ ହେଉଥିବା କହିଛନ୍ତି। ଏହି ଗାଁର ସୁଧାକର ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦୀପ ଓ ଅନ୍ୟ ମାଟିପାତ୍ର ତିଆରି କାମ ପାରମ୍ପରିକ ବୃତ୍ତି। ଦିନତମାମ କାମ କଲେ ପ୍ରାୟ ୭ ଶହ ଦୀପ ତିଆରି ହୁଏ। ଏହି ବେଉସା ଛାଡ଼ି ହେଉନି କି ରଖି ହେଉନି। ଏଥିରୁ ଯାହା ପାରିଶ୍ରମିକ ମିଳେ ସେଥିରେ ତେଲଲୁଣ ସଂସାର ଚଳାଇବା କଷ୍ଟକର। ଦୀପାବଳି ପର୍ବକୁ ଆଖି ଆଗରେ ରଖି ପ୍ରତିବର୍ଷ ଆମେ ଦୀପ ତିଆରି କରୁଛୁ। ସହରର କେତେକ ହୋଲ୍‌ସେଲର ଆସି ଦୀପାବଳି ବଜାର ପାଇଁ ଦୀପ କିଣି ନେଉଛନ୍ତି। କିନ୍ତୁ ଦେଶୀ ମାଟିଦୀପର ଚାହିଦା ନ ଥିବା କହି ବେପାରୀମାନେ ଉଚିତ ପାରିଶ୍ରମିକ ଦେଉ ନ ଥିବା କୁମ୍ଭକାର ଉପେନ୍ଦ୍ର ବେହେରା କହିଛନ୍ତି।


ଏକ ଦୋକାନରେ ସ୍ଥାନୀୟ ଅଞ୍ଚଳର ଦୀପ ବିକ୍ରି କରାଯାଉଛି।

ଗାଁର କେତେକ ପୁରୁଖା କୁମ୍ଭକାର କହିଛନ୍ତି ଯେ, ଆଧୁନିକତାର ପ୍ରଭାବ ସତ୍ତ୍ୱେ ଓଗାଳପୁର ମାଟିଦୀପ ଓ ମାଟିପାତ୍ର ତା'ର ଚାହିଦା ବଜାୟ ରଖିଛି। ଅନ୍ୟ ରାଜ୍ୟରେ ବିଦ୍ୟୁତ୍ ମୋଟର ସାହାଯ୍ୟରେ କୁମ୍ଭାର ଚକ ଘୂରାଇ ମାଟିପାତ୍ର ଓ ଅନ୍ୟ ଟେରାକୋଟା ସାମଗ୍ରୀ ତିଆରି କରାଯାଉଛି। ଆମର ଏଠି ସେଭଳି ବ୍ୟବସ୍ଥା ନାହିଁ। ଗ୍ରାମୀଣ କାରିଗରଙ୍କୁ ତାଲିମ ଦିଆଯାଇ ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗାଇ ଦିଆଗଲେ କୁମ୍ଭକାର ପରିବାରର ରୋଜଗାର ବଢ଼ିପାରନ୍ତା ବୋଲି ଭାସ୍କର ବେହେରା କହିଛନ୍ତି। କେବଳ ଓଗାଳପୁର ନୁହେଁ ଏହି ଜିଲାର ଅପର୍ତ୍ତିବିନ୍ଧା, ବେଲଦା, ଆଗରପଡା, ଦୋଳସାହି, ଗରଦପୁର ଅଞ୍ଚଳରେ ମଧ୍ୟ କୁମ୍ଭକାରମାନେ ଅନୁରୂପ ସମସ୍ୟାକୁ ସାମ୍ନା କରୁଛନ୍ତି। ବଜାରକୁ ଫ୍ୟାନ୍ସି ଦୀପ ଆସିବା ପରେ କୁମ୍ଭକାରଙ୍କ ବେଉସା ସଙ୍କଟରେ ପଡ଼ିଛି।

## 'ପ୍ରତିଭା ଖୋଜିବାର ମାଧ୍ୟମ ମୁଁ ହିରୋ ମୁଁ ଓଡ଼ିଶା'

**ବନ୍ତ, ୪।୧୧ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡା ଜୋନ୍‌ର ବି.ଟି.ପୁର ଓ ପୁରୁଷଣ୍ଡ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଆଗରପଡ଼ା କର୍ମମନ୍ଦିର ପରିସରରେ ରବିବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ ସଞ୍ଚାଳନା କରିଥିଲେ। ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ବନ୍ତ ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ଦାସ, ରେବତୀ ନାୟକ, ବିଜେଡି ବ୍ଲକ ସଭାପତି କମଳାକାନ୍ତ ସାହୁ, ଜୋନ ସମ୍ପାଦକ ଅଶୋକ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପଣ୍ଡା, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ମନ୍ତ୍ରୀଙ୍କ ପ୍ରତିନିଧି ଜିତେନ୍ଦ୍ର ନାୟକ, କାହ୍ନୁଚରଣ ଦାସ, ଆଇନଜୀବୀ ମାଧବାନନ୍ଦ ଦାସ, ଯୁବବାହିନୀ ବ୍ଲକ ସଂଯୋଜିକା ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ସମିତିସଭ୍ୟ ଦିଲୀପ କୁମାର ପୁହାଣ, ଭିକ୍ଷେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଯୁବବାହିନୀ ଗଠନରେ ସରକାରଙ୍କ ମୂଳ ଲକ୍ଷ୍ୟ ବିଷୟରେ ଆଲୋକପାତ କରିବା ସହ ପ୍ରତିଭା ଅନ୍ୱେଷଣ ପାଇଁ ଏହା ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଯୁବବାହିନୀର କର୍ମମର୍ତ୍ତା ପ୍ରକାଶ ବିଶ୍ୱାଳ, ସୁଧାଂଶୁ ସାହୁ, ସଂଘମିତ୍ରା ସାହୁ, ଦେବବ୍ରତ ତ୍ରିପାଠୀ, ଶୁଭଙ୍କର ଦାସ, ହେମନ୍ତ କୁମାର ସାହୁ, ଶୁଭ୍ରାଂଶୁ ଶେଖର ପୁହାଣ, ଉମାକାନ୍ତ ଜେନା, ସୁନୀଲ ମହାପାତ୍ର, ଅଶୋକ କୁମାର ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂଗ୍ରାମୀ ମାଧବାନନ୍ଦଙ୍କ ପରଲୋକ

ଧାମନଗର,୪।୧୧(ଡି.ଏନ.ଏ.)

ଭଦ୍ରକ ଜିଲାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ମାଧବାନନ୍ଦ ବୈଶାଖଙ୍କର ୯୧ବର୍ଷ ବୟସରେ ହୃଦ୍‌ଘାତରେ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଧାମନଗର ବ୍ଲକ ନଦୀଗାଁ ଗ୍ରାମ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଯାଜପୁର ଦଶାନନ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ଆନ୍ଦୋଳନ ବେଳେ ଉଭୟ ଏଥିରେ ସକ୍ରିୟ ଭାଗ ନେଇଥିଲେ। ଗତ ୧୬ ଦିନ ପୂର୍ବରୁ ପୂର୍ଣ୍ଣଚନ୍ଦ୍ରଙ୍କର ପରଲୋକ ଘଟିଥିଲା। ସେହିଦିନଠାରୁ ମାଧବାନନ୍ଦ ସବୁବେଳେ ନୀରବ ରହୁଥିଲେ। ରବିବାର ପୂର୍ବାହ୍ନରେ ପାଇଖାନାରୁ ବାହାରି ଆସୁଥିବା ବେଳେ ସେଠାରେ ଥିବା ଏକ ନଳକୂପ ନିକଟରେ ପଡ଼ିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଧାମନଗର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ମାଧବାନନ୍ଦ ବୈଶାଖ।

ପରେ ମରଶରୀରକୁ ବିଶାଳ ପଟୁଆରରେ ଅଣାଯାଇ ନଦୀଗାଁ ବଜାର ଏବଂ ଗ୍ରାମ ପରିକ୍ରମା କରାଯାଇଥିଲା। ସ୍ଥାନୀୟ ନେତା ବିଦ୍ୟାଧର ରାଉତ, ଦୟାନିଧି ମିଶ୍ର, ମନୋଜ ରାୟମହାପାତ୍ର, ଗିରୀଶ ବାରିକ, ଆଲୋକ ନାୟକ, ମନୋଜ ସାହୁ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭାରତ ଛାଡ଼ ଆନ୍ଦୋଳନ ସମୟରେ ମାଧବାନନ୍ଦ ସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମରେ ଯୋଗଦେଇଥିଲେ। ଦେଶ ସ୍ୱାଧୀନ ହେବା ପରେ ନଦୀଗାଁ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ଭଳି ଅନୁଷ୍ଠାନ ପ୍ରତିଷ୍ଠାରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଯାଜପୁର ଦଶାନନ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ବେଳେ ତାଙ୍କର ଦୁଇପୁତ୍ର ଜଗବନ୍ଧୁ ବୈଶାଖ ଏବଂ ଦୀନବନ୍ଧୁ ବୈଶାଖ ଉପସ୍ଥିତ ଥିଲେ।

## 'ଛାତ୍ର ଏକତା ରାଷ୍ଟ୍ରର ଶକ୍ତି'

**ବାସୁଦେବପୁର, ୪।୧୧ (ଡି.ଏନ.ଏ.):** ବାସୁଦେବପୁରର ହନୁବାଟିକା ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ନଗର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱରଦ୍ୱୀପ ମାହୁନ୍ତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ର ଏକତା ଗୋଟିଏ ରାଷ୍ଟ୍ରର ସର୍ବଶ୍ରେଷ୍ଠ ଶକ୍ତି ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗ ସଂଯୋଜକ ସୁବ୍ରତ କୁମାର ଧଳ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ୭ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏବିଭିପିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଅଧ୍ୟାପକ ତପନ କୁମାର ପାଢୀ ନଗର ସଭାପତି ଓ ଦିଲୀପ କୁମାର ଜେନା ନଗର ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଜଗବନ୍ଧୁ ସାହୁ, ବ୍ଲକ ସଂଯୋଜକ ଯୁଧିଷ୍ଠିର ବେହେରା, ତପନ ସୂତାର, ଜ୍ୟୋତିପ୍ରକାଶ ନାୟକ, ପୂର୍ଣ୍ଣିମା ମହାନ୍ତି, ସଂଘମିତ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପାଦଭୂମି ପୂଜାକୁ ପ୍ରଶାସନର ବିରୋଧ

ବନ୍ତ,୪।୧୧(ସ୍ୱ.ପ୍ର)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ବଜାର ମୁଖ୍ୟ ଛକଠାରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପୂର୍ଣ୍ଣାବୟବ ନିର୍ମାଣ ପାଇଁ ରବିବାର ସନ୍ଧ୍ୟାରେ ପାଦ ଭୂମିପୂଜାକୁ ପ୍ରଶାସନ ବିରୋଧ କରିବା ସହ ଏହାକୁ ବନ୍ଦ କରିଛି। ଏହାକୁ ନେଇ ଘଟଣାସ୍ଥଳରେ ୨ ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁସାରେ, ମହତାବ ସ୍ମାରକୀ

### ପୂଜା ବନ୍ଦ ନେଇ ଉତ୍ତେଜନା

ପରିଷଦ ଓ ଆଗରପଡାର ଜନସାଧାରଣଙ୍କ ପକ୍ଷରୁ ଡ. ମହତାବଙ୍କ ସୁଦୀର୍ଘ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ସକାଶେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କଲେଜ ଛକଠାରେ ପାଦଭୂମି ପୂଜା ପାଇଁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପୂଜାପାଠ ଚାଲିଥିବା ବେଳେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବନ୍ତ ଅତିରିକ୍ତ ତହସିଲଦାର ବିଜୟ କୁମାର ସେଠୀ ଓ ଆଗରପଡା ଥାନାଧିକାରୀ ମାନସ କୁମାର ଦେଓ ପହଞ୍ଚି ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ କାଗଜପତ୍ର କର୍ମକର୍ତ୍ତାଙ୍କୁ ମାଗିଥିଲେ। କର୍ମକର୍ତ୍ତାମାନେ କାଗଜପତ୍ର ଦେଖାଇଥିଲେ ସୁଦ୍ଧା ପୂର୍ତ୍ତ ବିଭାଗ ଜାଗାରେ ପ୍ରତିମୂର୍ତ୍ତି ନିର୍ମାଣ ହେବାକୁ ଥିବାରୁ ଉକ୍ତ ବିଭାଗର ଅନୁମତି ଦେଖାଇ ନ ପାରିବାରୁ ପ୍ରଶାସନ ପକ୍ଷରୁ ଅଧାରୁ ପୂଜାକାର୍ଯ୍ୟ ବନ୍ଦ କରାଯାଇଥିଲା। ଏହାକୁ ନେଇ ସେଠାରେ ୨ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା।

ଏନେଇ ପ୍ରତିବାଦ ସଭା କରି ସ୍ମାରକୀ ପରିଷଦର ସମ୍ପାଦକ ଡ. ଭାଗବତ ତ୍ରିପାଠୀ, ଉପସଭାପତି ଡ.ବ୍ରଜମୋହନ ମିଶ୍ର, କୋଷାଧ୍ୟକ୍ଷ ବିଜୟ କୁମାର ମହାନ୍ତି, ଗବେଷକ ଡ. ସଦାନନ୍ଦ ଦୀକ୍ଷିତ, ଇଂ. ମଧୁସୂଦନ ସାହୁ, ହେମନ୍ତ ସିଂହ, ରଥ ବେହେରା ପ୍ରମୁଖ ଜିଲାପାଳଙ୍କଠାରୁ ଅନୁମତି ନେଇ କାର୍ଯ୍ୟ ଆଗେଇଥିବା କହି ପ୍ରଶାସନର ହଠାତ୍ ଏପରି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ସୋମବାର ସ୍ମାରକୀ ପରିଷଦର କର୍ମକର୍ତ୍ତା ଜିଲା ପ୍ରଶାସନକୁ ଭେଟିବା ପରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି କୁହାଯାଇଛି। ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ବିଜୟ କୁମାର ଜେନା, କାର୍ତ୍ତିକ ଜେନା, ଅଣିଜୋ ସରପଞ୍ଚ ଜଗବନ୍ଧୁ ବେହେରା, ଦୀପୁ ସିଂହ, ରଘୁନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ମହତାବ ସ୍ମାରକୀ ପରିଷଦର ପ୍ରତିବାଦ ସଭା।

## ୭ ବଖରା ଜଳିଗଲା

**ଚାନ୍ଦବାଲି/ଭଣ୍ଡାରିପୋଖରୀ,୪।୧୧ (ଡି.ଏନ.ଏ./ସ୍ୱ.ପ୍ର.):** ଭଦ୍ରକ ଜିଲାର ଚାନ୍ଦବାଲି ଓ ଭଣ୍ଡାରିପୋଖରୀ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୭ ବଖରା ଘର, ଏକ ତେଜରାତି ଦୋକାନ ଜଳିଯାଇଛି। ଚାନ୍ଦବାଲି ତହସିଲର ମତୋ ପଞ୍ଚାୟତ ମାଳବାଡ଼ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କାହ୍ନୁଚରଣ ବେହେରା ଓ ତପନ ଦାସଙ୍କର ୫ ବଖରା ଘର ଜଳିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ଚାନ୍ଦବାଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣା ନ ପଡ଼ି ଥିବାବେଳେ ଶର୍ଟସର୍କିଟ ଯୋଗୁ ଘଟିଥିବା କୁହାଯାଉଛି। ସେହିପରି ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗାଁରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଭାସ୍କର ବେହେରା ଓ ରାଜେନ୍ଦ୍ର ବେହେରାଙ୍କର ୨ ବଖରା ଜଳିଯାଇଛି। ଶନିବାର ବିଳମ୍ବିତ ରାତିରେ ଭଣ୍ଡାରିପୋଖରୀ ବ୍ଲକ ପାରୁଳି ପଞ୍ଚାୟତର ମୋବାରକପୁରଠାରେ ଥିବା ମୋହନ ଜେନାଙ୍କ ତେଜରାତି ଦୋକାନରେ ନିଆଁ ଲାଗି ପୋଡ଼ିଯାଇଛି। ଭଣ୍ଡାରିପୋଖରୀ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଏଥିରେ ୮୦ ହଜାରରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଏହି ଦୋକାନରେ କେହି ନିଆଁ ଲଗାଇ ଦେଇଥିବା କୁହାଯାଉଛି।






## ସଂକ୍ଷେପରେ

### ଜନସମ୍ପର୍କ ପଦଯାତ୍ରା

**ବାଲେଶ୍ୱର ଅଫିସ, ୪।୧୧:** ବାଲେଶ୍ୱର ଟାଉନ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ଶୁକ୍ରବାର ଏକ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମିଶନ ପଡ଼ିଆରୁ ବାହାରି ସହର ପରିକ୍ରମା କରି ପୋଲିସ ଲାଇନ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପଦଯାତ୍ରା ଶେଷ ହୋଇଥିଲା। ପଦଯାତ୍ରାରେ ବିଜୁ ଜନତା ଦଳ ଜିଲା ସଭାପତି ତଥା ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ରାଜ୍ୟସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନହିତକର ଯୋଜନାମାନ ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ବୋଲି ଏମ୍‌ପି ବକ୍ତବ୍ୟ ରଖିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଏମ୍‌ପି ନଗର ପ୍ରତିନିଧି ମନୋଜ କୁମାର ରାଉତ, ଟାଉନ ସଭାପତି ସ୍ୱରୂପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିସିଜେଡିର ଜିଲା ସଭାପତି ସିମନ ଦାସମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର ଆୟୋଜିତ ପଦଯାତ୍ରାରେ ଯୋଗ ଦେଇଥିଲେ। ବିସିଜେଡି ଟାଉନ ସଭାପତି ବ୍ରଜକିଶୋର ପ୍ରଧାନ, ଜୋନାଲ ସଭାପତି ତାପସ ପାଣିଗ୍ରାହୀ, ଜିଲା ଛାତ୍ର ମହାସଚିବ କୁଶାଲ ଚାଟାର୍ଜୀ, ଉପସଭାପତି ଓମ୍ ପ୍ରକାଶ ମହାପାତ୍ର, ମିଡ଼ିଆ ସଂଯୋଜିକା ଦେବଶ୍ରୀ ମହାନ୍ତି, ଭବାନୀ ଶଙ୍କର ପଣ୍ଡା, ବିଶ୍ୱମୋହନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ହ୍ୟାକିଂ ସଫ୍ଟୱେୟାର, ଇ-ଟିକେଟ ଜବତ

## ୨ ଗିରଫ

**ବାଲେଶ୍ୱର ଅଫିସ, ୪।୧୧**

ଖଡ଼ଗପୁର କ୍ରାଇମବ୍ରାଞ୍ଚ ପକ୍ଷରୁ ଶନିବାର ଜଳେଶ୍ୱର ରେଲୱେ ଷ୍ଟେଶନ ନିକଟସ୍ଥ ଓଡ଼ିଶା କମ୍ୟୁନିକେଶନ ଉପରେ ଅଚାନକ ଚଢ଼ାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ହ୍ୟାକିଂ ସଫ୍ଟୱେୟାର, କମ୍ପ୍ୟୁଟର, ପ୍ରିଣ୍ଟର, ୧୨ଟି ଇ-ଟିକେଟ, ୪ଟି ମୋବାଇଲ, ୨୩ହଜାର ନଗଦ ଟଙ୍କା, ସେମାନେ ବ୍ୟବହାର କରୁଥିବା ବିଭିନ୍ନ ବ୍ୟାଙ୍କର ୭ଟି ଆକାଉଣ୍ଟ ଜବତ କରାଯାଇଛି। ଏସବୁର ଆନୁମାନିକ ମୂଲ୍ୟ ୬୧ଲକ୍ଷ ୩୭ହଜାର ୨୨୫ ଟଙ୍କା ବୋଲି ବିଭାଗୀୟ ଜବତ ଅଧିକାରୀ (ସିଜିଂ ଅଫିସର) ଗଣେଶ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି।


କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ୨ ଅଭିଯୁକ୍ତ।

ରେଳ ବିଭାଗଠାରୁ ରେଳ ଟିକେଟର ଇ-କାରବାର ପାଇଁ ଆଇଆର୍‌ସିଟିସି କମ୍ପାନୀ ବିଭାଗୀୟ ଅନୁମତି ପାଇ କାର୍ଯ୍ୟ କରୁଥିଲା। ଏ.ଏନ୍.ଏମ୍.ଏସ୍. ଗ୍ରୁପ୍ ରେଡ଼ ଟିଲି ଏକ ସଫ୍ଟୱେୟାର ଦ୍ୱାରା ଆଇଆର୍‌ସିଟିସିର ସଫ୍ଟୱେୟାରକୁ ହ୍ୟାକିଂ କରି କେତେକ ଯୁବକ ଦୀର୍ଘଦିନ ଧରି ରେଳବିଭାଗ ଏବଂ ଆଇଆର୍‌ସିଟିସି କମ୍ପାନୀକୁ ଠକି ଆସୁଥିବା ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତି କରି ଖଡ଼ଗପୁର କ୍ରାଇମବ୍ରାଞ୍ଚ ପକ୍ଷରୁ ଚଢ଼ାଉ କରାଯାଇ ପ୍ରଥମଥର ପାଇଁ ଓଡ଼ିଶାରେ ସଫଳତା ପାଇଥିବା କ୍ରାଇମ ଇନ୍ସପେକ୍ଟର ସୁରେଶ କୁମାର ପ୍ରକାଶ କରିଛନ୍ତି। ଗିରଫ ଦ୍ୱୟ ହେଲେ ରୂପ୍‌ସା ଥାନା ତହରପୁର ଅଞ୍ଚଳର ନିର୍ମଳ ପଣ୍ଡିତ (୨୭) ଓ ଜଳେଶ୍ୱର ଷ୍ଟେସନ ଜାର ଅଞ୍ଚଳର ସୁଶାନ୍ତ କୁମାର ଡାକୁଆ (୨୫)। କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ ସନ୍ଧ୍ୟାରେ ବାଲେଶ୍ୱର ରେଲୱେ ପୋଲିସଙ୍କୁ ହସ୍ତାନ୍ତର କରିଥିଲା। ଆର୍‌ପିଏଫ୍ ପୋଷ୍ଟରେ ମାମଲା (ନଂ. ୧୧୭୫/୧୮) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଖଡ଼ଗପୁର ସିକ୍ୟୁରିଟି କଣ୍ଟ୍ରୋଲ ଇନ୍ସପେକ୍ଟର ଭୂପେନ୍ଦ୍ର କୁମାର ଯାଦବ, କ୍ରାଇମବ୍ରାଞ୍ଚ ସଦସ୍ୟ ସୁବାସ ମୁଦୁଲି, ଗଦାଧର ପାତ୍ର, ପିକେ ପାଣ୍ଡେ, ସାମଲ କୁମାର ଦାସ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ୍ ଭାବେ ଇ-ଟିକେଟ ସଫ୍ଟୱେୟାର ହ୍ୟାକିଂ କାରବାରର ମୂଳପୋଟନ କରାଯିବ ବୋଲି ଖଡ଼ଗପୁର କ୍ରାଇମ ଇନ୍ସପେକ୍ଟର କହିଛନ୍ତି।

# ଜାନୁୟାରୀ ୧୦ରୁ ଚାନ୍ଦିପୁର ବେଳାଭୂମି ମହୋତ୍ସବ

**ବାଲେଶ୍ୱର ଅଫିସ, ୪।୧୧**

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମି ମହୋତ୍ସବ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଜାନୁୟାରୀ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବେଳାଭୂମି ମହୋତ୍ସବର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ମହୋତ୍ସବ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ କମିଟି ଓ ସବ୍‌କମିଟି ଗଠନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ତେବେ ମହୋତ୍ସବ ସ୍ଥଳରେ ଜନଗହଳି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସମେତ ଉତ୍ସବ କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସଦର ବିଧାୟକ ତଥା ବେଳାଭୂମି ମହୋତ୍ସବ କମିଟି ସଭାପତି ଜୀବନ ପ୍ରଦୀପ ଦାଶ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନିଲୁ ମହାପାତ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ଶେଖର ରଥ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବେଳାଭୂମି ମହୋତ୍ସବ କମିଟି ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ, ସମ୍ପାଦକ କିଶୋର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ଚାନ୍ଦିପୁର ସରପଞ୍ଚଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମହୋତ୍ସବ କମିଟି ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶର୍ଟ ସର୍କିଟ୍‌କୁ ଏଡ଼ାଇବା ପାଇଁ ନିରାପଦ ବିଦ୍ୟୁତ୍ ସଂଯୋଗ ଉପରେ ଜିଲା ଅଗ୍ନିଶମ ଅଧିକାରୀ ପି. ସୋରେନ ଗୁରୁତ୍ୱାରୋପ କରିଥିଲେ। ମହୋତ୍ସବକୁ ଆକର୍ଷଣୀୟ ଏବଂ ଫଳପ୍ରଦ କରିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଜିଲାପାଳ ରାଉତ ପରାମର୍ଶ ଦେଇଥିଲେ।


ସବ୍‌ଜୁନିୟର ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ପ୍ରତିଭା ପରିବାର ପକ୍ଷରୁ ଜୋନ୍‌ସ୍ତରୀୟ ପ୍ରତିଯୋଗିତା

**ଖଇରା, ୪।୧୧(ଡି.ଏନ.ଏ.)**

ଖଇରାର ଅଗ୍ରଣୀ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ପକ୍ଷରୁ ତୁଡ଼ିଗଡ଼ିଆ ଜୋନ୍‌ସ୍ତରୀୟ ପ୍ରତିଯୋଗିତା ଶନିବାର ନିଳାମ୍ବର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯଦୁନାଥ ଶିଅଳ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଭା ପରିବାର ସାଧାରଣ ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ପ୍ରତିଯୋଗିତା ହେଉଥିବା ବିଷୟ ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ ଲିଖନ, କୁଇଜ, ଓଡ଼ିଆ ବକ୍ତୃତା, ଗୀତ ଓ ନୃତ୍ୟ ଉପରେ ପ୍ରାରମ୍ଭିକ ସୂଚନା ଓ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ସନାତନ ବେହେରା ଓ ଦେବେନ୍ଦ୍ର ରାଉତ ତାଙ୍କ ବକ୍ତବ୍ୟ ଅବସରରେ ମୁଖପତ୍ର ପ୍ରତିଭା ପାଇଁ ଲେଖା ପଠାଇବାକୁ ଛାତ୍ରୀଛାତ୍ର, ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ପ୍ରତିଭା ପରିବାର କର୍ମକର୍ତ୍ତା ଓ ସଭ୍ୟ ବିଷ୍ଣୁମୋହନ ମିଶ୍ର, ବୁଦ୍ଧିରାମ ପାଣିଗ୍ରାହୀ, ସଙ୍କୀର୍ତ୍ତନ ପଣ୍ଡା, ବିମଳ ଜେନା, ନିରଞ୍ଜନ ସାମଲ, ଜ୍ଞାନରଞ୍ଜନ ଜେନା, ପ୍ରଭାକର ପଣ୍ଡା, ଡମ୍ବରୁଧର ମହାନ୍ତି ଏବଂ ନିଳାମ୍ବର ହାଇସ୍କୁଲର ସୋନମ୍ ପଣ୍ଡା, ମନୋରଞ୍ଜନ ବେହେରା, ଜଗବନ୍ଧୁ ପାଢ଼ୀ, ଚିନ୍ତାମଣି ଜେନା, ଅମୂଲ୍ୟ କୁମାର ପାଣି, ରତିକାନ୍ତ ବେହେରା ଓ ଓମ୍ ପ୍ରକାଶ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆସନ୍ତା ୧୦ ତାରିଖରେ ଡୁଙ୍ଗୁରା ଜୋନ୍‌ସ୍ତରୀୟ ପ୍ରତିଯୋଗିତା ଦର୍ଶନ ପ୍ରସାଦ ହଷ୍ଟେଲରେ ହେବା ନେଇ ସମ୍ପାଦକ ସୂଚନା ଦେଇଥିଲେ।



# ସରୁନି ବାଙ୍କତୀରା ସେଚ ପ୍ରକଳ୍ପ ନିର୍ମାଣ

**ବାଲେଶ୍ୱର ଅଫିସ, ୪।୧୧**

ବାଲେଶ୍ୱରସ୍ଥିତ ବୁଢ଼ାବଳଙ୍ଗ ନଦୀର ଅମୃତିଆ ନାଳର ମୁକୁଳା ମୁହଁକୁ ବନ୍ଦ କରିବା ସକାଶେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାଙ୍କତୀରା ଜଳସେଚନ ପ୍ରକଳ୍ପ କ୍ରିୟାନୁଷ୍ଠାନ କମିଟି ବାରମ୍ବାର ଦାବି ହୋଇଆସୁଥିଲା। ଏହାକୁ ଗୁରୁତ୍ୱ ଦିଆଯାଇ ପୂର୍ବୁ ଏକ ବିଶେଷଜ୍ଞ ଦଳ ମଧ ଯାଞ୍ଚ କରିବା ପାଇଁ ବାଙ୍କତିରା ମୁହାଣରେ ପହଞ୍ଚିଥିଲେ। ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ପରେ ବିଭାଗୀୟ ଅଧିକାରୀମାନେ ଖୁବ୍‌ଶୀଘ୍ର ଏହାର କାର୍ଯ୍ୟ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ କାର୍ଯ୍ୟରେ ମନ୍ଥରତା ଓ ବିଳମ୍ବ ନେଇ ଗତ ୨ତାରିଖରେ ଭୁବନେଶ୍ୱରର ରାଜୀବ ଭବନଠାରେ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ବିଭାଗର ଉପଦେଷ୍ଟା ସନ୍ତୋଷ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଅନ୍ୟାନ୍ୟ ବୈଷୟିକ ଅଧିକାରୀଙ୍କ ସହ କ୍ରିୟାନୁଷ୍ଠାନ କମିଟି ସଭାପତି ଶୁଭଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ଆନୁଷଙ୍ଗିକ ରେକର୍ଡ଼ପତ୍ର ଦାଖଲ କରି ଆଲୋଚନା କରିଛନ୍ତି। ଆଲୋଚନା ପରେ ବୁଢ଼ାବଳଙ୍ଗ ନଦୀର ଅମୃତିଆ ନାଳର ମୁକୁଳା ମୁହଁକୁ ବନ୍ଦ କରିବା ସକାଶେ ଏକ ବିଶେଷଜ୍ଞ ଦଳ ବୈଷୟିକ ଯାଞ୍ଚ କରିବା ପାଇଁ ଶୀଘ୍ର ବାଲେଶ୍ୱର ପଠାଯିବ ବୋଲି ବିଭାଗ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ପ୍ରକାଶଯୋଗ୍ୟ ଯେ, ଅମୃତିଆ ନାଳର ମୁକୁଳା ମୁହଁ ଯୋଗୁ ସଦର ବ୍ଲକର ୬ଟି ପଞ୍ଚାୟତ ଯଥା ନଗ୍ରମ, ବୁଆଁଳ, ଓଡ଼ଙ୍ଗୀ, ଓଲନ୍ଦାସାରଗାଁ, ସିନ୍ଧିଆ, ଗୋପୀନାଥପୁର ଅଞ୍ଚଳର ଚାଷଜମିରେ ବ୍ୟାପକ କ୍ଷୟକ୍ଷତି ହୋଇ ଲକ୍ଷାଧିକ ଚାଷୀ ତଳିତଳାନ୍ତ ହେଉଛନ୍ତି। ବାଙ୍କତୀରା ଜଳସେଚନ ପ୍ରକଳ୍ପର ପରିବର୍ତ୍ତିତ ନୂତନ ଡିଜାଇନ ବିଭାଗର ହସ୍ତଗତ ହେବା ପରେ କାର୍ଯ୍ୟ ଆଗେଇବ ବୋଲି କହିଥିଲେ। ଜିଲା ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ କରାଯାଇ କାର୍ଯ୍ୟାରମ୍ଭ ହେବା ନିମନ୍ତେ ଚେଷ୍ଟା କରାଯାଉଥିବାବେଳେ ଏହାର କାର୍ଯ୍ୟକାରିତା ବିଳମ୍ବ ହେଉଥିବାରୁ କାର୍ଯ୍ୟାନୁଷ୍ଠାନ କମିଟି ତରଫରୁ ଜଳସମ୍ପଦ ବିଭାଗର ଅଧିକାରୀମାନଙ୍କ ସମ୍ମୁଖରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଏହା ଅଧିକ ବିଳମ୍ବ ହେଲେ ଜନସାଧାରଣ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ବିଭାଗକୁ ଚେତାବନୀ ଦିଆଯାଇଥିଲା।

**ଆନ୍ଦୋଳନ ଚେତାବନୀ**



ବାଙ୍କତୀରା ଜଳସେଚନ ପ୍ରକଳ୍ପ ନିକଟରେ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା।

## ସଂକ୍ଷେପରେ

### ଛୁଆ ଚୋରି ଅଭିଯୋଗ ଯୁବକଙ୍କୁ ମାଡ଼ ମାରି ଥାନାରେ ଜିମା

**ଜଳେଶ୍ୱର, ୪।୧୧(ଡି.ଏନ.ଏ.):** ଜଳେଶ୍ୱର ଥାନା ରାଜପୁର ପଞ୍ଚାୟତ ବଳରାମପୁର ଛକଠାରେ ରବିବାର ଅପରାହ୍ଣ ସମୟରେ ନାମ୍ପୋ ଗ୍ରାମର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଜଣଙ୍କ ଘରେ ପଶି ତାଙ୍କର ୨ ମାସର ଶିଶୁଙ୍କୁ ବେକରୁ ସୁନା ପଦକ କାଟିନେଇ ପଳାଉଥିଲେ। ଏହି ସମୟରେ କେତେକ ଲୋକ ଦେଖି ତାଙ୍କୁ କାବୁ କରିନେଇ ବିଛୁଆତି ପତ୍ର ଦେହସାରା ଘଷିବା ପରେ ତାଙ୍କୁ ନିର୍ଘୁମ ଛେଚି ଲହୁଲୁହାଣ କରି ଜଳେଶ୍ୱର ଥାନା ଜିମା ଦେଇଛନ୍ତି। ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ। ଉକ୍ତ ଯୁବକଙ୍କୁ ଛୁଆ ଚୋର ସନ୍ଦେହ କରି ଗ୍ରାମବାସୀ ଏଭଳି ମାରପିଟ୍ କରିଥିବା କେତେକ ଗ୍ରାମବାସୀଙ୍କ ନିକଟରୁ ପୋଲିସ ଜାଣିବାକୁ ପାଇଛି।

### ପାଣି ଟାଙ୍କି ଶିଳାନ୍ୟାସ



**ସଜନାଗଡ଼, ୪।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ଗରଡ଼ିହି ଗ୍ରାମପଞ୍ଚାୟତରେ ଏକ ପାଣିଟାଙ୍କିର ଶନିବାର ଶୁଭ ଶିଳାନ୍ୟାସ ହୋଇଛି। ଏହି ପ୍ରକଳ୍ପର ମୂଲ୍ୟ ୬୨ଲକ୍ଷ ୨୦ହଜାର ୮ଶହ ଟଙ୍କା ରହିଛି। ଫଳରେ ବହୁଦିନର ଦାବି ପୂରଣ ହେବା ସହ ଅଞ୍ଚଳବାସୀଙ୍କ ଜଳକଷ୍ଟ ଦୂର ହେବ ବୋଲି ଜଣାପଡ଼ିଛି। ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଗରଡ଼ିହି ଗ୍ରାମପଞ୍ଚାୟତର ବଡ଼ତେହୁଡ଼ିଆ ଗ୍ରାକୁ ୫୦ହଜାର ଲିଟର ବିଶିଷ୍ଟ ଏକ ପାଣି ଟାଙ୍କି ଯୋଗାଇ ଦିଆଯାଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଶନିବାର ଏହାର ଶିଳାନ୍ୟାସ ହୋଇଛି। ଏହି ପଞ୍ଚାୟତରେ ପାନୀୟ ଜଳର ସୁବିଧା ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲା। କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସହଯୋଗ କରିଥିଲେ। ଉତ୍ସବରେ ବ୍ଲକସଭାପତି ଗଙ୍ଗାଧର ମିଶ୍ର, ଶିବାଶିଷ ଦ୍ୱିବେଦୀ, ସୁରେଶ ଶଙ୍ଖୁଆ, ତ୍ରିଲୋଚନ ବେହେରା, ସୁକାନ୍ତ ବେହେରା, କୈଳାସ ସେନାପତି, ରାଜେଶ ନାୟକ, ଅକ୍ଷୟ ବେହେରା, ସୀମାନ୍ତ ମହାପାତ୍ର, ରାହାସମଣୀ ମଢ଼େଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଧାୟକଙ୍କ ଏତାଦୃଶ କାର୍ଯ୍ୟକ୍ରମରେ ଆନନ୍ଦିତ ହୋଇ ଅଞ୍ଚଳବାସୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଏନଏସଏସର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



**ବାଲିଆପାଳ, ୪।୧୧(ଡି.ଏନ.ଏ.):** ସ୍ଥାନୀୟ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇର ଏନଏସ୍ଏସ୍ ସ୍ୱତନ୍ତ୍ର ଶିବିର ଜମ୍ବିରାଇ ବ୍ରହ୍ମାନନ୍ଦ ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଅନନ୍ତ କୁମାର ଚାନ୍ଦ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ପ୍ରଧାନ ଶିକ୍ଷକ ବାବାଜୀଚରଣ ବିଶ୍ୱାଳ, ସାମାଜିକ କର୍ମୀ ମାନସ ଦାସ ଓ ରତ୍ନାକର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସ୍ୱେଚ୍ଛାସେବୀମାନେ ସେବା ମନୋବୃତ୍ତି ନେଇ କାର୍ଯ୍ୟ କଲେ ଦେଶ ଓ ଜାତିର ବିକାଶ ହୋଇପାରିବ ବୋଲି କହିଥିଲେ। ଗତ ୨୭ତାରିଖରୁ ଏହି ଶିବିର ଆରମ୍ଭ ହୋଇ ପୋଷ୍ୟ ଗ୍ରାମ ଜମ୍ବିରାଇରେ ୫୦ ଜଣ ସ୍ୱେଚ୍ଛାସେବୀ ପଦଯାତ୍ରା, ସ୍ୱାସ୍ଥ୍ୟ ସଚେତନତା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ନିଶା ନିବାରଣ ଆଦି କାର୍ଯ୍ୟକ୍ରମ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ମୂର୍ତ୍ତି ନିର୍ମାଣରେ ନିମଗ୍ନ ଶିଳ୍ପୀ।

# ଔପଦାରେ କାଳୀପୂଜା ପ୍ରସ୍ତୁତି ଜୋରଦାର

**ଔପଦା, ୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାରରେ ମା' କାଳୀଙ୍କ ଉପାସନା ଆଜକୁ ୭ ଦଶକରେ ପହଞ୍ଚିଛି। ସ୍ଥାନୀୟ ଅଧିବାସୀ ସ୍ୱର୍ଗତ ବାଞ୍ଛାନିଧି ମଲ୍ଲିକ, ସ୍ୱର୍ଗତ ଉପେନ୍ଦ୍ର ପାଢ଼ୀ, ସ୍ୱର୍ଗତ ବଙ୍କିମ ନାୟକ, ସ୍ୱର୍ଗତ ପରମାନନ୍ଦ ମଲ୍ଲିକ, ଶଙ୍କର୍ଷଣ ପାତ୍ର, ଗୋପାଳ ନାୟକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ଏବେ ଔପଦା ବଜାର ବ୍ୟବସାୟୀ ଗୋଷ୍ଠୀଙ୍କ ଦ୍ୱାରା ଗଠିତ ପୂଜା କମିଟି ଦ୍ୱାରା ପୂର୍ବ ପରି ପୂଜା କାର୍ଯ୍ୟ ସମ୍ପାଦିତ ହୋଇଆସୁଛି। ଏବର୍ଷ ମଧ ମା'ଙ୍କର ଉପାସନାକୁ ସବୁ ଦୃଷ୍ଟିରୁ ସରସ ସୁନ୍ଦର କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କାଳୀପୂଜା କମିଟି ତରଫରୁ ଗୋପାଳ ନାୟକ, ନିରଞ୍ଜନ ପରିଡ଼ା, ଅନନ୍ତ ପ୍ରସାଦ ନନ୍ଦ, ଶ୍ରୀଧର ପରିଡ଼ା, ଗୟାଧର ରାଉତ, ଶମ୍ଭୁନାଥ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି। ମା'ଙ୍କର ମୃଣ୍ମୟୀ ମୂର୍ତ୍ତି କାମ ଶେଷ କରିବାକୁ ଶିଳ୍ପୀ ଦାଶରଥି ବେହେରା, ଡମ୍ବରୁଧର ବେହେରା ଓ ସତ୍ୟନାରାୟଣ ବେହେରା ଲାଗି ପଡ଼ିଛନ୍ତି।

# ଜାନୁୟାରୀ ପହିଲାରୁ ଭୋଗରାଇ ଉତ୍ସବ

**ଭୋଗରାଇ, ୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଛକ ହେଲିପ୍ୟାଡ଼ ପଡ଼ିଆରେ ଭୋଗରାଇ ଉତ୍ସବ ୨୦୧୯ ଜାନୁଆରୀ ପହିଲାରୁ ଆରମ୍ଭ ହେବ। ଏହି ଉତ୍ସବ ପାଇଁ ଏବେଠୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଥାନା ଛକ ରେଜେଷ୍ଟ୍ରି ଅଫିସ ନିକଟରେ ଉତ୍ସବ କମିଟିର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଛି।

ଭୋଗରାଇ ଉତ୍ସବକୁ ଏକ ନିଆରା ସାଂସ୍କୃତିକ ଚେତନାଦୀପ୍ତ କରିବା ସହ ଅବକ୍ଷୟ ସମାଜକୁ ରୋକିବା ଦିଗରେ ଆଗାମୀ ପିଢ଼ିକୁ ସଚେତନ ବାର୍ତ୍ତା ଦେବାର ଲକ୍ଷ୍ୟ ବୋଲି ଉତ୍ସବ କମିଟିର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଉତ୍ସବ କମିଟି ସଭାପତି ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ପୌରୋହିତ୍ୟରେ ଉପସଭାପତି ସଞ୍ଜୀବ କୁମାର ସାହୁ, ଆଶିଷ କୁମାର ପାତ୍ର, ବରେନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ପଙ୍କଜାକ୍ଷ ପଣ୍ଡା, ରଘୁନାଥ ମହାନ୍ତି, ପ୍ରଦୀପ କୁମାର ନାୟକ, ଦୀପେଶ ଚନ୍ଦ୍ର ରାୟ, ରାଜ କୁମାର ଦାସ, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ସୁନୀଲ କୁମାର କର ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗଦେଇ ଭୋଗରାଇ ଉତ୍ସବକୁ ସରସ, ସୁନ୍ଦର, ଆକର୍ଷଣୀୟ ଓ ବୌଦ୍ଧିକ ବିକାଶ ଦିଗରେ କାର୍ଯ୍ୟ କରିବା ନିମନ୍ତେ ଭୋଗରାଇବାସୀଙ୍କ ସାହାଯ୍ୟ ସହଯୋଗ କାମନା କରିଛନ୍ତି। ଏହି ଉତ୍ସବ ପାଇଁ ବିଶିଷ୍ଟ ସାହିତ୍ୟିକ, ଗବେଷକ, ବୈଜ୍ଞାନିକ, ସିନେତାରକାମାନେ ଯୋଗଦେବାର ପ୍ରତିଶ୍ରୁତି ଦେଇଥିବା କମିଟି ପ୍ରକାଶ କରିଛନ୍ତି। ବାଲୁକାଶିଳ୍ପୀଙ୍କ ଆକର୍ଷଣୀୟ ମୂର୍ତ୍ତି, ମୀନାବଜାର ଓ ଅନ୍ୟାନ୍ୟ ସାମଗ୍ରୀ ବିପଣୀ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ଏହି ଉତ୍ସବ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# କାଠ ବୋଝେଇ ଟ୍ରାକ୍ଟର ଜବତ

**ନୀଳଗିରି, ୪।୧୧(ଡି.ଏନ.ଏ.)**

ନୀଳଗିରି ଉପଖଣ୍ଡର କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ମିରିଗିଣି ଗାଁରେ ଶନିବାର ବନ କର୍ମଚାରୀ ଚଢ଼ାଉ କରି ନମ୍ବର ବିହୀନ କାଠ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ଏନେଇ ବିଭାଗରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଜବତ କାଠର ଆନୁମାନିକ ମୂଲ୍ୟ ୩୦ହଜାର ହେବ ବୋଲି ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନ କହିଛନ୍ତି। ବନକ୍ଷେତ୍ରାଧିକାରୀଙ୍କ ନେତୃତ୍ୱରେ ବନପାଳ କିଶୋର ଚନ୍ଦ୍ର ଭୂୟାଁ, ଉମାକାନ୍ତ ଜେନାଙ୍କ ସମେତ ବନ କର୍ମଚାରୀ ଅଭୟାରଣ୍ୟରେ ପାଟ୍ରୋଲିଂ କରୁଥିଲେ। ରାତି ୯ଟାରେ ଶାଗୁଆନ, ନିମ୍ବ, ଆକାଶିଆ ଆଦି କାଠ ଗଣ୍ଡି ବୋଝେଇ କରି ଆସୁଥିବା ଟ୍ରାକ୍ଟରକୁ ଚଢ଼ାଉ କରି ଜବତ କରିଥିଲେ। ହେଲେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ।

# ଏଫଏମ୍ ଜୁନିୟର କଲେଜ ଫୁଟବଲ୍ ଟିମ୍ ରାଜ୍ୟସ୍ତରକୁ ଉନ୍ନୀତ

**ବାଲେଶ୍ୱର ଅଫିସ, ୪।୧୧**

ଯୁକ୍ତ ୨ କାଉନସିଲ ଦ୍ୱାରା ମୟୂରଭଞ୍ଜର କରଞ୍ଜିଆ କନିଷ୍ଠ ମହାବିଦ୍ୟାଳୟ ଖେଳ ପଡ଼ିଆରେ ନଭେମ୍ବର ୨ ତାରିଖରୁ ଅନୁଷ୍ଠିତ ହୋଇଥିବା ଫୁଟବଲ ମ୍ୟାଚ୍‌ରେ ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ(ଏଫ୍ଏମ୍ ଜୁନିୟର କଲେଜ) ଫୁଟବଲ ଟିମ୍ ଚାମ୍ପିୟନ ହୋଇଛି। ଓଡ଼ିଶା ଉତ୍ତରାଞ୍ଚଳର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେଉଁଝର ଜିଲାର ଯୁକ୍ତ ୨ ମହାବିଦ୍ୟାଳୟଗୁଡ଼ିକର ଫୁଟବଲ ଟିମ୍ ମଧ୍ୟରେ ମହାବିଦ୍ୟାଳୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ୩-୦ଗୋଲ୍‌ରେ କରଞ୍ଜିଆ କନିଷ୍ଠ ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ମିନତୀ ସେଠୀ, କ୍ରୀଡ଼ା ଉପସଭାପତି ଡ. ସନ୍ତୋଷ କୁମାର ରାଉତ, ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଚାମ୍ପିୟନ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଫୁଟବଲ ଟିମ୍‌ର କ୍ୟାପଟେନ ରଘୁନାଥ ମୁର୍ମୁ, ଖେଳାଳି ବାଞ୍ଛୁ ସୋରେନ୍, ରାଜେନ୍ଦ୍ର ନାଥ ଟୁଡୁ, ଜିତୁ ବେସରା, ଗୋପୀନାଥ ଟୁଡୁ, ଘାସିରାମ ବେସରା, ଶିବୁ ହେମ୍ବ୍ରମ୍, ଅନନ୍ତ ମାରାଣ୍ଡି, ଶ୍ୟାମୁ କଣ୍ଡିର, ତପନ ମୁର୍ମୁ, ଅଜୟ ମାରାଣ୍ଡି, ଭୂପତି ମାଝି, ବାନ୍‌ସିଙ୍ଗ ହେମ୍ବ୍ରମ, ଗାନସା ସୋରେନ ଓ ସିଲୁଆ ମାଝି ସମସ୍ତେ ଆଗାମୀ ଦିନରେ ରିଲିଆନ୍ସ ଫାଉଣ୍ଡେଶନ ଓ ଯୁକ୍ତ ୨ କାଉନ୍‌ସିଲର ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ୍ ଖେଳିବେ ବୋଲି ପ୍ରସ୍ତୁତ ହେଉଛନ୍ତି।



ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

# ଆମ ପୋଲିସ ସମିତି ବୈଠକ

**ଜଳେଶ୍ୱର, ୪।୧୧(ଡି.ଏନ.ଏ.)**

ଜଳେଶ୍ୱର ଥାନା ପରିସରରେ ଥିବା ସମ୍ମିଳନୀ କକ୍ଷରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ପ୍ରଦୀପ କୁମାର ମାଝି ଅଧକ୍ଷତା କରିଥିବା ବେଳେ ଏଏସଆଇ ସତ୍ୟନାରାୟଣ ବଳ, ସଦାଶିବ ନାୟକ, ରମାକାନ୍ତ ସେଠୀ ଓ ନରେନ୍ଦ୍ର ନାଥ ସେଠୀ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନର ସୂତ୍ର ବାହାର କରିଥିଲେ। ବିଶେଷକରି ନିଶାଦ୍ରବ୍ୟ କାରବାର, ନାବାଳକମାନେ ଦ୍ରୁତଗତିରେ ବାଇକ୍ ଚଳାଇବା, ଟ୍ରାଫିକ୍ ଓ ପାର୍କିଂ ସମସ୍ୟା, ଜବରଦଖଲ, ଅଟୋରେ କ୍ଷମତା ବହିର୍ଭୂତ ଯାତ୍ରୀ ନେବା, ବସ୍ ଉପରେ ଯାତ୍ରୀ ବୋହିବା, ବାଇକରେ ବେଆଇନ ଭାବେ ଉଜ୍ଜ୍ୱଳ ଆଲୋକ ସହିତ ଉଚ୍ଚଶବ୍ଦଯୁକ୍ତ ହର୍ଣ୍ଣ ଲଗାଇବା ଉପରେ ଅଙ୍କୁଶ ଲଗାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଜଳେଶ୍ୱର ଥାନା ଅଞ୍ଚଳର ବିଭିନ୍ନ ବର୍ଗରୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

**ସୋର, ୪।୧୧(ଡି.ଏନ.ଏ.)**

ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ରଙ୍ଗପତିରେ 'ମୁଁ ହିରୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମ୍ପାଦକ ପର୍ଶୁରାମ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଏହାକୁ ସହଯୋଗ କରିଥିଲେ ଶାନ୍ତନୁ କୁମାର ସାହୁ, ଶରତ ବେହେରା, ପଦ୍ମିନୀ ବେହେରା, ଲମ୍ବୋଧର ବାରିକ, ପୂଜଳ ବାରିକ, ସବିତା ସାହୁ, ବଳରାମ ଦାସ, କମଳାକାନ୍ତ ଜେନା, ଜ୍ୟୋତିଲିପ୍‌ସା ନାୟକ, ଶଶିକାନ୍ତ ସାମଲ, ପ୍ରଫୁଲ୍ଲ ଭୋଇ, ସଞ୍ଜୟ ବେହେରା, ଶରତ ଚନ୍ଦ୍ର ବେହେରା, ରୂପାଲି ବେହେରା, ରବୀନ୍ଦ୍ର ଯେନା, ତାପସ କୁମାର ଯେନା, ଆଲୋକ କୁମାର ମହାନ୍ତି, ଦେବାଶିଷ ମହାପାତ୍ର, ରାଜେଶ ପ୍ରଧାନ, ନିରାକାର ନାୟକ ଏବଂ ଗୌରହରି ଯେନା ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ସିନିୟର ଏବଂ ଜୁନିୟର ଦୁଇଗୋଟି ବିଭାଗର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସଦର ବିଜୁ ଯୁବ ଓ ମହିଳା ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ, ୪।୧୧**

ବାଲେଶ୍ୱର ସଦର ବିଜୁ ଯୁବ ଓ ମହିଳା ଜନତା ଦଳ ପକ୍ଷରୁ ଛତିଶଗଡ଼ର ଦନ୍ତେୱାଡ଼ାରେ ମାଓବାଦୀଙ୍କ ଗୁଳିରେ ନିହତ ହୋଇଥିବା ଦୂରଦର୍ଶନର କ୍ୟାମେରା ମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଝାଡ଼େଶ୍ୱର ମନ୍ଦିରସ୍ଥିତ ସଦର ନିର୍ବାଚନମଣ୍ଡଳୀ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ ସଭାପତି ଶକ୍ତିପଦ ରାୟ ଓ ଟାଉନ ମହିଳା ସଭାନେତ୍ରୀ ରଞ୍ଜିତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ନଗରପାଳ ଆଲୋକ ସାହୁ, ବିଜେଡ଼ି ନେତା ଆଶିଷ ଘୋଷ, ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଧିରେନ ନାୟକ, ଉପସଭାପତି ଜୀବନ ମଲ୍ଲିକ, ସଞ୍ଜୟ ଦଳେଇ, ମହିଳା ଜନତା ଦଳର ସିଲା ଘୋଷ, ମୀନତି ସେଠୀ, ବୀନା ରଣା, ଶଙ୍ଖମିତ୍ରା ସାମଲ, ସୁନୀତା ସାହୁ, ପିଙ୍କିରାଣୀ ସାହୁ, ରାଜଲକ୍ଷ୍ମୀ ଚାଟାର୍ଜୀ ଏବଂ ବିଜୁ ଯୁବ ଓ ମହିଳା ଜନତା ଦଳର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ରହି ମାଓବାଦୀଙ୍କ ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

# ୨୦ରେ ସିପିଏମ୍‌ର ଜନଜାଗରଣ

**ଭୋଗରାଇ, ୪।୧୧(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି, ସାମ୍ପ୍ରଦାୟୀକରଣ, ଦୁର୍ନୀତି, ଭ୍ରଷ୍ଟାଚାର ଓ ଅଘୋଷିତ ବିଦ୍ୟୁତ୍ କାଟ୍ ବିରୋଧରେ ଭୋଗରାଇ ସିପିଏମ୍ ଶାଖା ପକ୍ଷରୁ ଆସନ୍ତା ୨୦ ତାରିଖରେ ଜନଜାଗରଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏଥିସହ ଗରିବ ଏବଂ ଆଦିବାସୀମାନଙ୍କୁ ୪ ଡିସିମିଲ ଘରଡ଼ିହ ପଟ୍ଟା, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ ଖୁବ୍‌ଶୀଘ୍ର କରାଯିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଜନଜାଗରଣ ସଫଳ କରିବା ପାଇଁ ପାର୍ଟି ଅଫିସ୍‌ରେ ବରିଷ୍ଠ ନେତା ଚିତ୍ତରଞ୍ଜନ ଦାସ, ଅଧୀର ଗିରି ଗୋସ୍ୱାମୀ, ଦୀପ୍ତିମାନ ଆଚାର୍ଯ୍ୟ, ଆନନ୍ଦ ଜେନା, କୃଷ୍ଣମୋହନ ମୁର୍ମୁ, ରାମଜିତ୍ ବେଶ୍ରା ପ୍ରମୁଖ ଆନ୍ଦୋଳନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି କରିଛନ୍ତି। ପାର୍ଟିର ବିଭିନ୍ନ ଗଣ ସଙ୍ଗଠନର ମତାମତ ନିଆଯାଇ ଏକ ଗଣ ଆନ୍ଦୋଳନ ଗଢ଼ିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ସାଙ୍ଗଠନିକ ଶକ୍ତିକୁ ଦୃଢ଼ୀଭୂତ କରିବା ପାଇଁ ପାର୍ଟିର ନେତୃମଣ୍ଡଳୀ ଆଲୋଚନା ପର୍ଯ୍ୟାଲୋଚନା କରିଛନ୍ତି। ଥାନାଛକଠାରେ ନଭେମ୍ବର ୨୦ ତାରିଖରେ ହେଉଥିବା ଏହି ସଭା ପାଇଁ ପ୍ରସ୍ତୁତି କରାଯାଉଛି ବୋଲି ପ୍ରେସ୍ ବିବୃତିରେ କୁହାଯାଇଛି।

## ଡୁଙ୍ଗୁରା ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

# ବ୍ଲକସ୍ତରକୁ ୯ ଛାତ୍ରୀଛାତ୍ର ମନୋନୀତ

**ଖଇରା, ୪।୧୧(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ଡୁଙ୍ଗୁରାସ୍ଥିତ ଦର୍ଶନ ପ୍ରସାଦ ଉଚ୍ଚ ବିଦ୍ୟାପୀଠରେ ଶନିବାର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିର୍ମଳ କୁମାର ପଣ୍ଡା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ବର୍ଗରେ ୧୫, କନିଷ୍ଠ ବର୍ଗରେ ୧୦ ଓ ସର୍ବକନିଷ୍ଠ ବର୍ଗରେ ୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିମଧ୍ୟରୁ ଶୁଭଲକ୍ଷ୍ମୀ ପୃଷ୍ଟି, ସୌମ୍ୟରଞ୍ଜନ ଗିରି, ସଙ୍ଗୀତା ସେଣ୍ଠ, ସ୍ନେହଲତା ମହାନ୍ତି, ପାର୍ଥସାରଥି ପଣ୍ଡା, ଚନ୍ଦନା ପୃଷ୍ଟି ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ଆଖପାଖ ସ୍କୁଲର ପିଲାମାନେ ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ। ଶିକ୍ଷୟିତ୍ରୀ ଅନିମାରାଣୀ ଗିରି, ପ୍ରଜ୍ଞାପାରମିତା ପ୍ରଧାନ ପ୍ରମୁଖ ପ୍ରଦର୍ଶନୀ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

# 'ଲୋକସେବା ଅଧିକାର ଅଧିନିୟମ ସମ୍ପର୍କରେ ସଚେତନତା ଜରୁରୀ'

**ବାହାନଗା, ୪।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟ ପରିସରରେ ଓଡିଶା ଲୋକ ସେବା ଅଧିକାର ଅଧିନିୟମ ଓ ନିୟମାବଳୀ ସମ୍ପର୍କରେ ବୁଧବାର ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ବ୍ୟବସ୍ଥାରେ ୨୫ ବିଭାଗରେ ୩୪୧ ସେବା ଯୋଗାଇ ଦେବା ସୁବିଧା ରହିଛି। ଏ ସମ୍ପର୍କରେ ସମସ୍ତେ ସଚେତନ ରହିବା ଦରକାର। ଓଡିଶା ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ ବାହାନଗା ତହସିଲଦାର ଦେବଯାନୀ ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏ ସମ୍ପର୍କରେ ବୁଝାଇ ଏଦିଗରେ ସମସ୍ତେ ସଚେତନ ରହିବା ଜରୁରୀ ବୋଲି କହିଥିଲେ। ଅଧକ୍ଷ ନରେଶ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଜି.ଏ. ଏବଂ ପି.ଜି. ବିଭାଗର ଜିଲା କୋର୍ଡିନେଟର ଅପୂର୍ବ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକ ସେବା ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋର କୃଷି ବିଭାଗର ଜିଲା ସହାକାରୀ ଅଧିକାରୀ ଶ୍ରୀଧର ମଲ୍ଲିକ, ବାହାନଗା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା.ଦେବବ୍ରତ ଦାସ, ବ୍ଲକ ସହକାରୀ କୃଷି ଅଧିକାରୀ ରଙ୍ଗନାଥ ପାତ୍ର, ପାଇକାପ୍ତା ବାହାନଗା ତହସିଲର ଅତିରିକ୍ତ ତହସିଲଦାର ସଂଗ୍ରାମ ପରିଡ଼ା, ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧାପକ ଡ. ନଗେନ୍ଦ୍ର କୁମାର ପାଢୀ ପ୍ରମୁଖ ଯୋଗ ବକ୍ତବ୍ୟ ରଖିଥିଲେ।




ଗୋପାଳପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ଗ୍ରାମରକ୍ଷୀଙ୍କୁ ହତ୍ୟା, ୩ ଗିରଫ



ପାଟଣା, ୪।୧୧(ସ୍ୱ.ପ୍ର.): ତୁରୁମୁଙ୍ଗା ଥାନା ବୁଢୀକାପୁଡି ପଞ୍ଚାୟତ ପୁଟୁଗାଁର ଗ୍ରାମରକ୍ଷୀ କ୍ଷୀରୋଦ ପାତ୍ରଙ୍କୁ ହତ୍ୟା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ପୁଟୁଗାଁର ତୁଳସୀ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ମୁଣ୍ଡା ଏବଂ ଟୁନା ମୁଣ୍ଡା। ଏମାନଙ୍କ ବ୍ୟତୀତ ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଆଉ ଜଣେ ବ୍ୟକ୍ତି ଜିତୁ ମୁଣ୍ଡା ଫେରାର ରହିଥିବା ପୋଲିସ କହିଛି। ତେନ୍ତୁଳିଖୁଣ୍ଟି ହାଟ ପଡ଼ିଆରୁ ଶୁକ୍ରବାର କ୍ଷୀରୋଦଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଗିରଫମାନେ ବେଆଇନ ଭାବେ ମଦ ବ୍ୟବସାୟ କରୁଥିଲେ। ଏ ନେଇ ପୋଲିସ ଓ ଅବକାରୀ ବିଭାଗକୁ ଗ୍ରାମରକ୍ଷୀ କ୍ଷୀରୋଦ ସୂଚନା ଦେଇଥିବା ସନ୍ଦେହ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। କ୍ଷୀରୋଦଙ୍କୁ ଚାରି ଜଣ ମିଶି ନୃଶଂସ ଭାବେ ପିଟିପିଟି ହତ୍ୟା କରିବା ପରେ ତେନ୍ତୁଳିଖୁଣ୍ଟି ହାଟ ପଡ଼ିଆରେ ଫିଙ୍ଗି ଦେଇଥିଲେ ବୋଲି ଥାନା ଧିକାରୀ ବିଜୟକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୧୦/୧୮) ରୁଜୁ ହୋଇଛି।

### ଜିଲାସ୍ତରୀୟ ସୁରଭିରେ ଛାତ୍ରଙ୍କ କୃତିତ୍ୱ



ରାଇସୁଆଁ, ୪।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ପଦ୍ମପୁର ମହାଲକ୍ଷ୍ମୀ ନୋଡାଲ ବିଦ୍ୟାଳୟର ନବମ ଛାତ୍ର ଧୀରେନ କୁମାର ଅମାନ୍ତ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ସେ କେନ୍ଦୁଝର ଜିଲା ଡିଏନ ହାଇସ୍କୁଲରେ ସର୍ବଶିକ୍ଷା ଦ୍ୱାରା ହୋଇଥିବା ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହୋଇଛନ୍ତି। ସେ ଗତ ବର୍ଷ ମଧ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ସଫଳତା ବିଦ୍ୟାଳୟ ଅନ୍ୟ ଛାତ୍ରାଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିପ୍ରଭା ସାହୁ, କଳାଶିକ୍ଷକ ରାଜେନ୍ଦ୍ର ସାହୁ, ପଦ୍ମପୁରର ସିଆରସିସି ସଞ୍ଜୀବ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ



ଆନନ୍ଦପୁର, ୪।୧୧(ସ୍ୱ.ପ୍ର.): ଘସିପୁରା ବ୍ଲକ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ ପରିଷଦ ଜିଲା ଅଧ୍ୟକ୍ଷ ରାମରାୟ ମୁଣ୍ଡୟାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସରକାରଙ୍କର ଏହା ଏକ ସ୍ୱତନ୍ତ୍ର ପ୍ରୟାସ ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧକ୍ଷା କମଳିନୀ ପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲା ଉପାଧକ୍ଷା ମୀନା ମାଝି, ବିଜେଡି ଜିଲା ସଭାପତି ଆଇନଜୀବୀ ଆଶିଷ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଆଦିବାସୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଘସିପୁରା ବ୍ଲକର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଆଦିବାସୀ ଜନଜାତି ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ।

# ପ୍ରଦୂଷଣରେ ଜର୍ଜରିତ କେନ୍ଦୁଝର

- ସରକାରଙ୍କ ପାଖରେ ଫେରାଦ ହେଲା ନାଗରିକ ମଞ୍ଚ
- ୬ ବର୍ଷ ହେଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧକ୍ଷ ପଦବୀ ଖାଲି

କେନ୍ଦୁଝର, ୪।୧୧(ସ୍ୱ.ପ୍ର.)

ପରିବେଶର ସୁରକ୍ଷା ନେଇ ସମଗ୍ର ବିଶ୍ୱରେ ତତ୍ପରତା ଦେଖାଦେଇଛି। ମାତ୍ର କେନ୍ଦୁଝର ଜିଲାରେ ତାହା ଫେଲ ମାରିଛି। ପ୍ରଦୂଷଣ ବଳୟରେ କେନ୍ଦୁଝର ରହିଛି। ଏହାର ସୁରକ୍ଷା ପାଇଁ ରାଜ୍ୟରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧକ୍ଷ ପଦବୀ ଦୀର୍ଘ ପ୍ରାୟ ୬ ବର୍ଷ ହେଲା ଖାଲି ପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷ କରି ଜଙ୍ଗଲ ଓ ପରିବେଶଜନିତ କ୍ଷୟକ୍ଷତି ଓ ପ୍ରଦୂଷଣ ଦ୍ୱାରା ଜର୍ଜରିତ ଖଣି ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲା ଅଧିକ କ୍ଷତିଗ୍ରସ୍ତ ହୋଇଛି। ତୁରନ୍ତ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ପାଇଁ କେନ୍ଦୁଝର ନାଗରିକ ମଞ୍ଚ ପକ୍ଷରୁ ସରକାରଙ୍କୁ ଚିଠି ଲେଖିବା ସହ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସ୍ୱାଧୀନ ସଂସ୍ଥା ରହିଥିବାବେଳେ ଏହି ସଂସ୍ଥାର ଅତିରିକ୍ତ ଦାୟିତ୍ୱରେ ସରକାରୀ ଅଧିକାରୀମାନେ ରହୁଥିବାରୁ କନଫ୍ଲିକ୍ଟ ଅଫ ଇଣ୍ଟରେଷ୍ଟ ଦେଖାଦେଉଛି ବୋଲି ନାଗରିକ ମଞ୍ଚର ସଭାପତି କିରଣ ଶଙ୍କର ସାହୁ କହିଛନ୍ତି।

ଖଣି ଓ ଶିଳ୍ପ ଦ୍ୱାରା କେନ୍ଦୁଝର ଜିଲାର ଜଙ୍ଗଲ, ଜଳ, ବାୟୁ, ପରିବେଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏପରି କି ଖଣି ମହାଦୁର୍ନୀତି ପଦାକୁ ଆସିବା ପରେ ଯାଞ୍ଚ କରିଥିବା ଜଷ୍ଟିସ ଶାହା କମିଶନ ମଧ ଜିଲାର ଜମି, ଜଳ, ବାୟୁ ଓ ଜଙ୍ଗଲ ଆଦି ବହୁ ମାତ୍ରରେ କ୍ଷତିଗ୍ରସ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରଦୂଷିତ ପରିବେଶରେ ବହୁ କଷ୍ଟରେ ଲୋକେ ରହୁଛନ୍ତି। ଏହାର ପରିଶୋଧ କରିବା ପାଇଁ କମିଶନ ବିଭିନ୍ନ ପ୍ରକାରର ପ୍ରସ୍ତବ ଦେଇଥିଲେ। ଏପରିକି ବ୍ୟାପକ ଭାବରେ ଖଣିରେ ବେଆଇନ କାମ ହୋଇଥିବାରୁ ପରିବେଶୀୟ କ୍ଷୟକ୍ଷତି ବହୁ ମାତ୍ରାରେ ହୋଇଥିବା ଜାଣିବାକୁ ପାଇଥିଲେ। ପରିବେଶ ନଷ୍ଟ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ୧୭ ହଜାର କୋଟି ଟଙ୍କାର ଜରିମାନା କେନ୍ଦୁଝର ସମେତ ରାଜ୍ୟର ବିଭିନ୍ନ ଖଣି ଉପରେ ନ୍ୟସ୍ତ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲୋକଙ୍କୁ ପ୍ରଦୂଷଣ ସମସ୍ୟାରୁ ସୁରକ୍ଷା ଦେଇ ପାରୁ ନ ଥିବା ମତ ପ୍ରକାଶ ପାଉଛି। ଫଳରେ ଜିଲା ତଥା ରାଜ୍ୟରେ ସଂକଟ ପରିସ୍ଥିତି ସୃଷ୍ଟି ହୋଇଥିବା ମଞ୍ଚ ଅଭିଯୋଗ କରି ତୁରନ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

- ମା’ ତାରିଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ମାରାଙ୍ଗବୁରୁ ଚାମ୍ପିୟନ

ଆନନ୍ଦପୁର, ୪।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ ଗଡଡସିଂହାଠାରେ ଅନୁଷ୍ଠିତ ୧୯ତମ ମା’ ତାରିଣୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀର ଫାଇନାଲ୍ ମ୍ୟାଚ୍‌ରେ ଏମସି କୁମୁଣିଆକୁ ୨-୦ ଗୋଲରେ ପରାସ୍ତ କରି ମାରାଙ୍ଗବୁରୁ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ରେଫେରୀ ଭାବେ ବୃନ୍ଦାବନ କଇଥାର୍, ଅର୍ଜୁନ ସୋରେନ୍, ଶ୍ୟାମ ସୋରେନ୍, ସିଙ୍ଗୁ ସୋରେନ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବର ସଭାପତି ମହେଶ୍ୱର ହାଂସଦାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଅନୁଷ୍ଠିତ ଟୁର୍ନାମେଣ୍ଟ ଭାଇଚାରାର ସମ୍ପର୍କ ସୃଷ୍ଟ କରୁଛି ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରାମରାୟ ମୁଣ୍ଡୟା, ଘସିପୁରା ବ୍ଲକ ବିଜେଡି ଯୁବ ସଭାପତି ଲିପୁନ ନାୟକ, ଖାଲିଆମେଣ୍ଟା ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। କ୍ଲବର ଉପସଭାପତି ଭୀମ ହେମ୍ବ୍ରମ୍, ସମ୍ପାଦକ ବୁଧୁରାଇ ହାଂସଦା, ସଦସ୍ୟ ମଙ୍ଗଳ ହାଂସଦା, ଦୁର୍ଗା ହାଂସଦା, ବାୟା ହାଂସଦା, ସୀତାରାମ ହାଂସଦା, ବାଲେ ହାଂସଦା, ଧନେଶ୍ୱର ହାଂସଦା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ। ଟୁର୍ନାମେଣ୍ଟରେ ମୋଟ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ।

## ସୂଚନା ଫଳକ କିଣାରେ ଅନିୟମିତତା

କେନ୍ଦୁଝର, ୪।୧୧(ସ୍ୱ.ପ୍ର.)

କେନ୍ଦୁଝରଗଡ଼ ପୌରପାଳିକାରେ ସୂଚନା ଫଳକ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ସାହି, ଗ୍ରାମ ଓ ସ୍ଥାନର ସୂଚନା ପାଇଁ ଲଗାଯାଇଥିବା ସୂଚନା ଫଳକରେ ବ୍ୟାପକ ଅନିୟମତତା ହୋଇଛି। ଉଚ୍ଚ ଦରରେ ଏହି ଷ୍ଟିଲ ବୋର୍ଡ କିଣା ଯାଇଥିବା ବେଳେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟୁଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହେଉଛି। ଏପରିକି ଗୋଟିଏ ସୂଚନା ବୋର୍ଡରେ ଦୁଇଟି ନାମ ଲେଖା ନ ଯାଇ ଦୁଇଟି ସୂଚନା ଫଳକ ଲଗାଯାଇ ସରକାରଙ୍କ ଅର୍ଥକୁ ପାଣି ଭଳି ଖର୍ଚ୍ଚ କରାଯାଇଛି।

ଏହି ବୋର୍ଡ କିଣାରେ ବ୍ୟାପକ ପ୍ରତିଶତ କାରବାର ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ଜିଲା ପ୍ରଶାସନ କିମ୍ବା ଭିଜିଲାନ୍ସ ବିଭାଗ ତଦନ୍ତ କରୁ ନ ଥିବାରୁ ସନ୍ଦେହ ଉପୁଜିଛି। ଟେଣ୍ଡର ପ୍ରକ୍ରିୟାଠାରୁ ଆରମ୍ଭ କରି ଯୋଗାଣ ହୋଇଥିବା



ବୋର୍ଡର ଦାମ, ମାନ ଆଦିର ତଦନ୍ତ କରାଗଲେ ବହୁ ଘୋଟାଲା ପଦାକୁ ଆସିପାରିବ ବୋଲି ମତ ପ୍ରକାଶ ପାଉଛି। କେନ୍ଦୁଝର ସହର ପ୍ରବେଶ ପଥରେ ଲଗାଯାଇଥିବା ସ୍ୱାଗତ ଗେଟ କିଣାରେ ବହୁ ଟଙ୍କା ହେରଫେର ହୋଇଛି। ପୂର୍ବରୁ ପୌରାଞ୍ଚଳରେ ଟେଣ୍ଡର ଫିକ୍ସିଂ ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଏବେ ମଧ ବିଭିନ୍ନ ସାମଗ୍ରୀ ଯୋଗାଣରେ ଫିକ୍ସିଂ ହେଉଥିବାରୁ ତଦନ୍ତ କରିବାକୁ ଜିଲାପାଳଙ୍କୁ ସଚେତନ ନାଗରିକ ଦାବି କରିଛନ୍ତି।

## କୃଷି ବିଭାଗର ବିଚିତ୍ର ନୀତି

ତେଲକୋଇ,୪।୧୧(ଡି.ଏନ.ଏ.)

ତେଲକୋଇ ବ୍ଲକ ଅଧୀନ କୃଷି ବିଭାଗରେ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା ବ୍ଲକ କୃଷି ଅଧିକାରୀ ମଞ୍ଜୁବାଳା ନାୟକଙ୍କର ଗତ ୧୫।୧୦।୧୮ରେ ସରକାରଙ୍କ ନିର୍ଦ୍ଦେଶାନୁସାରେ ବଦଳି ହୋଇଛି। ବଦଳିକୁ ନେଇ ତେଲକୋଇ ଚାଷୀ ସମୂହ ବାରମ୍ବାର ପ୍ରଶାସନଠାରେ ଅଭିଯୋଗ କରି ସଫଳ ହୋଇଥିଲେ। ଅଦ୍ୟାବଧି ଜିଲା କୃଷି ଅଧିକାରୀ ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କୁ ରିଲିଭ କରୁ ନ ଥିବା ପରିତାପର ବିଷୟ ହୋଇଛି। ଏ ନେଇ ଜିଲା କୃଷି ଅଧିକାରୀ ନାରାୟଣ ସେଠୀଙ୍କୁ ପଚାରିବାରୁ ମଞ୍ଜୁବାଳାଙ୍କ ବଦଳି ହୋଇଛି। ସରକାରଙ୍କ ଚିଠି ଅନୁସାରେ ରିଲିଭ କରିବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

# ଧାନ ଫସଲ ଚିନ୍ତାରେ ଚାଷୀ

- ଧୋକାଦେଲା କାବେରୀ ବିହନ
- ଗଛରୁ ବାହାରୁନି କେଣ୍ଡା
- ଶୁଣିବାକୁ କେହି ନାହିଁ

ଝୁମ୍ପୁରା, ୪।୧୧(ଡି.ଏନ.ଏ.)

ଝୁମ୍ପୁରା ବ୍ଲକର କେତେକ ପଞ୍ଚାୟତରେ ଚାଷୀ କାବେରୀ ଧାନ ବିହନ ବୁଣି ହତାଶ ହୋଇଛନ୍ତି। ଧାନ ଗଛ ଭଲ ହୋଇଛି। ମାତ୍ର ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଧାନ ଗଛରୁ କେଣ୍ଡା ବାହାରୁ ନାହିଁ। ଏ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। ଝୁମ୍ପୁରା ବ୍ଲକର ଅଣ ଜଳ ସେଚିତ ଜମିରେ ଧାନ କେଣ୍ଡା ବାହାରିବ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଙ୍ଗଲାଞ୍ଚଳର ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକରେ ନିରନ୍ତର ହାତୀ ଉପଦ୍ରବ ଲାଗିରହିଛି। ଧାନ ଗଛକୁ ରକ୍ଷା ଲାଗି ହାତୀ ପାଇଁ ଚାଷୀମାନେ ଗଛ ଉପରେ ମଞ୍ଚା ବାନ୍ଧି ରାତି ଅନିଦ୍ରା ହେଉଛନ୍ତି। ନିଶ୍ଚିନ୍ତପୁର, କୁଟୁଗାଁ ପଞ୍ଚାୟତ ଚାଷୀଙ୍କ ଅଭିଯୋଗ ପରେ ଏବେ ଅର୍ଶଳା, ଖୁଣ୍ଟାପଡ଼ା, ବାଲିବନ୍ଧ ପଞ୍ଚାୟତ ଗୁଡିକର ଚାଷୀ ସମୂହ ଅଭିଯୋଗ କରିଛନ୍ତି।

ଚମ୍ପୁଆର ଜଗତ ଜନନୀ ସେବା ଟ୍ରଷ୍ଟ ଦ୍ୱାରା ଝୁମ୍ପୁରା ବ୍ଲକର ଚାଷୀଙ୍କୁ ମାଗଣାରେ କାବେରୀ ଧାନ ବିହନ ବଣ୍ଟା ଯାଇଥିଲା। ଏ ନେଇ ଚାଷୀ ଭୋଟର ପରିଚୟ ପତ୍ର ଓ ପଟ୍ଟାର ନକଲ ଜମା କରୁଥିଲେ। ଉଦ୍ଦେଶ୍ୟ ଥିଲା କିନ୍ତୁ ଭିନ୍ନ ଥିଲା। ଧାନ ବିହନ ଦେବା ଆଳରେ ୫ ଟଙ୍କା ଦେୟ ସ୍ୱରୂପ ନେଇ ସଦସ୍ୟ କୁପନ ମଧ ଦିଆଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏବେ ଚାଷୀ ମୁଣ୍ଡରେ ଚଡକ ପଡିଛି। ଅର୍ଶଳା ସରପଞ୍ଚ ପ୍ରଶ୍ନ ନାଏକଙ୍କୁ ପଚାରିବାରୁ ଚାଷୀମାନେ ଧାନ ବିହନ ମାଗଣାରେ ପାଇ ଗଲେ। ହେଲେ ବିଲରେ ଧାନ ଚାଷ ପାଇଁ ଅନ୍ୟ ସମସ୍ତ ଖର୍ଚ୍ଚ ଚାଷୀ ନିଜେ ହିଁ କରିଛି। ଅନେକ କ୍ଷୁଦ୍ର ଚାଷୀ ଧାର କରଜରେ ବୁଡି ରହିଛନ୍ତି। ଚଳିତ ବର୍ଷ ଚାଷ ନ ହେଲେ ତାଙ୍କର ସ୍ଥିତି ଦୋହଲି ଯିବ। ଚାଷୀଙ୍କର ଯାହା କିଛି ହେଲା ଜଗତଜନନୀ ସେବା ଟ୍ରଷ୍ଟ ହିଁ ଦାୟୀ ରହିବ ବୋଲି ସେ କହିଛନ୍ତି। କାବେରୀ ଧାନ ବିହନ ସମ୍ପର୍କରେ ଝୁମ୍ପୁରା କୃଷୀ ଅଧିକାରୀ ଭାସ୍କର ପାଢୀଙ୍କୁ ପଚାରିବାରୁ ଧାନ ବିହନ ବଣ୍ଟାଯିବା ସମ୍ପର୍କ କଛି ସୂଚନା ନାହିଁ। କ’ଣ କରାଯିବ। ଯିଏ ବାଣ୍ଟିଛି ସେହି ଲୋକ ବୁଝିବ ବୋଲି ସେ କହିଛନ୍ତି।

## ଭୁଲ ଇଞ୍ଜେକ୍ସନ ନେଇ ଯୁବକ ଗୁରୁତର

ଯୋଡ଼ା, ୪।୧୧(ଡି.ଏନ.ଏ.)

ଏକ ଦୁର୍ଘଟଣାରେ ଆହତ ହୋଇ ଯୋଡା ବ୍ଲକ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କୁ ଭୁଲ ଇଞ୍ଜେକ୍ସନ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଯୁବକଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହୋଇଛି। ଶୁକ୍ରବାର ଯୋଡା ଆଜାଦ ବସ୍ତିର ୩ ଜଣ ଯୁବକ ଶିବ ମୁଣ୍ଡା, ଅରମାନ୍ ବଦ୍ରା ଓ ରମେଶ ବିନ୍ଧାଣି ବାଇକ ଯୋଗେ ବିଲୋପଦା ଆଡୁ ଯୋଡା ଅଭିମୁଖେ ଆସୁଥିଲେ। ସନ୍ଧ୍ୟାରେ ୨୧୫ ନଂ ଜାତୀୟ ରାଜପଥର କାଳିଆବେଡା ପାର୍କିଂଠାରେ ଏକ ଟ୍ରକ୍ ଦ୍ରୁତଗତିରେ ଅତିକ୍ରମ କରିବାରୁ ବାଇକ୍‌ରେ ବସିଥିବା ଯୁବକମାନେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ପଡିଯାଇଥିଲେ। ଏଥିରେ ତିନି ଜଣ ଆହତ ହୋଇଥିଲେ। ପୋଲିସ ଆହତ ଯୁବକମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ହେବା ପରେ ସେମାନେ ଘରକୁ ଆସିଥିଲେ।

ଆହତଙ୍କ ମଧ୍ୟରେ ଶିବ ଗୁରୁତର ହୋଇଥିବାରୁ ଶନିବାର ସକାଳେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଇଞ୍ଜେକ୍ସନ ଦେବା ପାଇଁ ଫୋନ ଯୋଗେ ଡକାଯାଇଥିଲା। ଶିବ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିବା ପରେ ତାଙ୍କୁ ଇଞ୍ଜେକ୍ସନ ନେବା ପାଇଁ କୁହାଯାଇଥିଲା। ପରିବାର ଲୋକେ ଶିବ କିଛି ଖାଇ ନ ଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କହିଥିଲେ। କିଛି ହେବ ନାହିଁ କହି ତାଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। ପରେ ଶିବ ଘରକୁ ଫେରିବା ପରେ ହଠାତ୍ ଅଚେତ ହୋଇଯାଇଥିଲେ। ତାଙ୍କୁ ଯୋଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଭୁବନେଶ୍ୱର ଏକ ଡାକ୍ତରଖାନାରେ ଶିବ ଭର୍ତ୍ତି ହୋଇଥିବା ପରିବାର ପକ୍ଷରୁ ଭଦ୍ର ମୁଣ୍ଡା, ଦିଲୀପ ନାଏକ, ଭାଗୀରଥି ବିନ୍ଧାଣି ପ୍ରକାଶ କରିଛନ୍ତି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଶିବଙ୍କର ଏପରି ଅବସ୍ଥା ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବସ୍ମିତା ମହାନ୍ତଙ୍କୁ ପଚାରିବାରୁ ଦୁର୍ଘଟଣାରେ ଆହତ ଶିବ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରବର୍ତ୍ତୀ ଦିନ ଶିବଙ୍କୁ ଡକାଯାଇ ବାନ୍ତି ଓ ଗ୍ୟାସ ପାଇଁ ଖାଲିପେଟରେ ହିଁ ଇଞ୍ଜେକ୍ସନ ଦିଆଯାଇଥିଲା। ଶିବ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହେବା ବେଳେ ମଦ୍ୟପାନ କରିଥିଲେ। ନିଶା ଛାଡି ନ ଥିବା ଯୋଗୁ ଏପରି ଘଟିଥାଇ ପାରେ ବୋଲି ସେ କହିଛନ୍ତି।

ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ

## ଅଷ୍ଟମ ଦିବସରେ ବଡ଼ବିଲ ଟାଇଗର ବିଜୟୀ

ବଡବିଲ, ୪।୧୧(ସ୍ୱ.ପ୍ର.)

ବଡବିଲଠାରେ ଚାଲିଥିବା ବିପିଏଲ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସରେ ମାତ୍ର ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଛି। ମ୍ୟାଚ୍‌ରେ ଏସଜିଏଲକୁ ପରାସ୍ତ କରି ବଡବିଲ ଟାଇଗର ବିଜୟୀ ହୋଇଛି। ବିପିଏଲ କ୍ରିକେଟ ଟୁର୍ନାମେଣ୍ଟର ୮ମ ଦିବସରେ ଏସଜିଏଲ ଓ ବଡବିଲ ଟାଇଗର ମଧ୍ୟରେ ଖେଳ ହୋଇଥିଲା। ଟସ ଜିଣି ଏସଜିଏଲ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲାବେଳେ ବଡବିଲ ଟାଇଗର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଖେଳି ୮ ୱିକେଟ ବିନିମୟରେ ୧୧୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବିପକ୍ଷ ଏସଜିଏଲ ଟିମ୍ ୧୧୫ ରନର ବିଜୟ ଲକ୍ଷ୍ୟ ନେଇ ସଂଘର୍ଷପୂର୍ଣ୍ଣ ଖେଳ ପ୍ରଦର୍ଶନ କରିଥିଲେ। ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୧୧୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇ ପରାସ୍ତ ହୋଇଥିଲା। ବଡବିଲ ଟାଇଗର ମାତ୍ର ୧ ରନରେ ବିଜୟୀ ହୋଇଥିଲା ବେଳେ ଅନିଲ ମହାନ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

# ୪୩୪ ୟୁନିଟ୍ ରକ୍ତ ସଂଗ୍ରହ

କେନ୍ଦୁଝର, ୪।୧୧(ସ୍ୱ.ପ୍ର.)

କେନ୍ଦୁଝରଗଡ଼ ପୌରପାଳିକା କଲ୍ୟାଣ ମଣ୍ଡପଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସମ୍ଭାବନା’ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବରରେ ୪୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଶିବିରକୁ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ମହତ ଦାନ ବୋଲି ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ସଦର ବିଧାୟକ ଅଭିରାମ ନାଏକ ଓ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଧାଂଶୁ ଶେଖର ବଳ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ମୀନା ମାଝି, ପୂର୍ବତନ ଏପମି ମାଧବ ସର୍ଦ୍ଦାର, ପୂର୍ବତନ ସଦର ବ୍ଲକ ଅଧକ୍ଷା ସସ୍ମିତା ସିଂ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

ଜିଲା ରକ୍ତଭଣ୍ଡାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରକୁ ଜୀବନବିନ୍ଦୁ ସଂଯୋଜକ ବିଜୟ କୁମାର




ରକ୍ତଦାତାଙ୍କ ପାଖରେ ଉପସ୍ଥିତ ଜିଲାପାଳ ଆଶିଷ ଠାକ୍‌ରେ(ମଝି) ଓ ଅନ୍ୟମାନେ।

ନାୟକ, ଜିଲା ଯୁବ ବିଜେଡି ସଭାପତି ସୌମ୍ୟଶଙ୍କର ଚକ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ଭାବନାର ସମ୍ପାଦିକା ରୁପାଲି ପଟ୍ଟନାୟକ ଚକ୍ର, ଉପସଭାପତି ଆଶିଷ ଆଚାର୍ଯ୍ୟ, କୋଷାଧକ୍ଷ ଜ୍ୟୋତିରନ ମିଶ୍ର, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଚକ୍ରଙ୍କ ସମେତ ଅଜୟ ଦାସ, ବିଘ୍ନରାଜ ସାହୁ, ବିଧାନ ପ୍ରଧାନ, ସାଧନା ସାହୁ, ସଞ୍ଜୟ ଦାସ, ସଞ୍ଜୀବ ସାହୁ, ସରୋଜ ଦୀକ୍ଷିତ, ମୃତ୍ୟୁଞ୍ଜୟ ରଣା, ଦେବାଶିଷ ପରିଡା, ଅମିତ ତ୍ରିପାଠୀ, ସନ୍ତୋଷ ପାଣିଗ୍ରାହୀ, ଅଭିଷେକ ଦାସ, ଅଭିଷେକ ରାଉତ, ଅବିନାଶ ପଟ୍ଟନାୟକ, ବାସୁଦେବ ଜେନା, ଦେବେନ୍ଦ୍ର ସାହୁ, ଜିତୁନ ଦାସ, ବାବି ରାଉତ, ଅଶ୍ୱିନୀ ପଣ୍ଡା, ପରେଶ ସାହୁ, ହେମନ୍ତ ମହାନ୍ତ, ସମୀର ମିଶ୍ର, ସୁଶାନ୍ତ ପାତ୍ର, ପ୍ରଭାତ ସାହୁ, ପପୁ ମହାନ୍ତି, ସଦାଶିବ ସାମଲ, ଚିନ୍ମୟ ସାହୁ, ବିଶ୍ୱନାଥ ବେହେରା, କୀର୍ତ୍ତି ଅନୁରାଗ ଷେଣ୍ଟ, ସୋମନାଥ ବେହେରା, ଦିଲ୍ଲୀପ ସାହୁ, ସୂର୍ଯ୍ୟକାନ୍ତୀ ପାଣି, ଗିରିଶ ଚନ୍ଦ୍ର ହୋତା, ଦୀପକ ପ୍ରଧାନ, ମନୋଜ ଜେନା, ଚନ୍ଦନ ପାତ୍ର, ବୁବୁ ସିହ୍ନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କୃତରେ ଓଡ଼ିଶା ପ୍ରଥମ

**ଦେଶାତ୍ମବୋଧ ସମୂହ ସଙ୍ଗୀତ ପ୍ରତିଯୋଗିତା**

ବଡ଼ବିଲ, ୪।୧୧(ସ୍ୱ.ପ୍ର.)

ବଡ଼ବିଲସ୍ଥିତ ଟାଉନହଲରେ ଭାରତ ବିକାଶ ପରିଷଦ ପକ୍ଷରୁ ରବିବାର ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବାଞ୍ଚଳ ଜାତୀୟ ଦେଶାତ୍ମବୋଧ ସମୂହ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜାତୀୟ ସମୂହ ସଙ୍ଗୀତ ପ୍ରତିଯୋଗିତାରେ ହିନ୍ଦୀରେ ଝାଡଖଣ୍ଡ, ସଂସ୍କୃତରେ ଓଡ଼ିଶା ଓ ଲୋକ ସଙ୍ଗୀତରେ ବିହାର ରାଜ୍ୟର ଦଳ ପ୍ରଥମସ୍ଥାନ ଅଧିକାର କରିଥିବା ଜଣାପଡିଛି। ପ୍ରଥମଥର ପାଇଁ କେନ୍ଦୁଝର ଜିଲା ବଡବିଲରେ ଭାରତ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୩ଟି ରାଜ୍ୟରୁ ୫ଟି ଦଳ ଅଂଶ ଗ୍ରହଣ କରିଥିଲେ। କେବଳ ବିହାର ରାଜ୍ୟର ୩ଟି ପ୍ରାନ୍ତରୁ ୩ଟି ଦଳ ଓ ଝାଡଖଣ୍ଡ ଏବଂ ଓଡିଶାରୁ ଗୋଟିଏ ଲେଖାଏଁ ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରୋବେଶନ ଆଇଏଏସ ଅଫିସର ସୋମେଶ ଉପାଧ୍ୟାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର କ୍ଷୀରୋଦ ବେହେରା, ଭାରତ ବିକାଶ ପରିଷଦ ପୂର୍ବାଞ୍ଚଳ ଜାତୀୟ ସଭାପତି ଗୀତା ପଟ୍ଟନାୟକ, ଜାତୀୟ ଉପସଭାପତି ଏସଏନ ପଣ୍ଡା, ପୂର୍ବାଞ୍ଚଳ ପାଟ୍ରୋନ ଡିଡି ମିଶ୍ର, ରାଜ୍ୟ ସଭାପତି ଜେଏମ ପଟ୍ଟନାୟକ, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ବାଲ୍ମିକୀ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା ଦଳ ଜାତୀୟସ୍ତରକୁ ମନୋନୀତ ହୋଇଛି। ପରିଷଦର ବଡବିଲ ପ୍ରାନ୍ତ କନଭେନର ପ୍ରତାପ କିଶୋର ଦାସ, ସଭାପତି ଦିଲିପ ମିଶ୍ର, ସମ୍ପାଦକ ଭାଲୁ ସାହୁ, ଦିନେଶ ଅଗ୍ରୱାଲ, ଦେବରଞ୍ଜନ ନାୟକ, ରାଜେଶ ବିନାନୀ, ସଞ୍ଜୟ ନାଏକ, ଅଶୋକ ପ୍ରଜାପତି ଓ ରାମ କର୍ମକାର ପ୍ରମୁଖ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ମୌଳିକ ସୁବିଧା ଅପହଞ୍ଚ

ତେଲକୋଇ, ୪।୧୧(ଡି.ଏନ.ଏ.)

ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ଅଧୀନ କାଳିଆପାଣି ଭୂୟାଁ ବସ୍ତିର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମକୁ ରାସ୍ତା ନ ଥିବା ବେଳେ ପାନୀୟଜଳ ସମସ୍ୟା ଲାଗି ରହିଛି। ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇପଡ଼ିଛି। ବସ୍ତି ବାସିନ୍ଦା ଚେରମୂଳି ଓ ଝଡ଼ାଫୁଙ୍କା ଉପରେ ନିର୍ଭର କରୁଥିବା ଗ୍ରାମର ଖଇରୁ ଦେହୁରି କହିଛନ୍ତି। ମୁଖ୍ୟାଳୟକୁ ଯିବାକୁ ରାସ୍ତା ନାହିଁ। ଗ୍ରାମରେ ଇନ୍ଦିରା ଆବାସ ଓ ଭତ୍ତା ଲୋକଙ୍କୁ ସାତସପନ ହୋଇଛି।

- ହଟୁନି କାଳିଆପାଣି ଭୂୟାଁ ସାହିବାସୀଙ୍କ ଦୁଃଖ
- ଗାଁକୁ ନାହିଁ ରାସ୍ତା, ଲାଗି ରହିଛି ପାନୀୟଜଳ ସମସ୍ୟା



କାଳିଆପାଣି ଭୂୟାଁ ବସ୍ତିରେ ରହୁଥିବା ଲୋକେ।

ହିତାଧିକାରୀ ଟେରୁ ଭୂୟାଁ, ଚନ୍ଦନ ଭୂୟାଁ, ଅନ୍ଧାରୁ ଦେହୁରି, ଗାଣ୍ଠୁ ଦେହୁରି, ଜଗନା ଦେହୁରି, ତୀର୍ଥ ଦେହୁରି, ଚନ୍ଦ୍ର ଦେହୁରି, କୈଳାସ ଦେହୁରିଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଲୋକ ସରକାରଙ୍କ ଯୋଜନାରୁ ବଞ୍ଚିତ ହୋଇଥିବା ପ୍ରକାଶ କରିଛନ୍ତି। ସ୍ଥାନୀୟ ସମାଜସେବୀ ପୁରୁଷୋତ୍ତମ ସ୍ୱାଇଁ କହିଛନ୍ତି, ସରକାରଙ୍କ ଯୋଜନା କେବଳ ଫାଇଲରେ ରହିଛି। କାଳିଆପାଣି ଭୂୟାଁ ସାହିର ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ନାହାନ୍ତି। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ଗୁରୁଦାୟିତ୍ୱ ଥିଲେ ହେଁ କେବଳ ଠିକା ସଂସ୍ଥାରେ ବ୍ୟସ୍ତ ହେଉଛନ୍ତି। ଲୋକଙ୍କ ପାଇଁ ସହାୟତା ଦିଆଯାଇ ପାରୁନାହିଁ।

